## ଦୁଇ ସନ୍ତାନର ମା’ ଘରୁ ଫେରାର

ରାସୋଳ, (ଡି.ଏନ.ଏ.): ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅଞ୍ଚଳର ଜଣେ ମହିଳା ରବିବାର ଘରୁ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ସେ ଲକ୍ଷାଧିକ ଟଙ୍କା, ସୁନାଗହଣା ଆଦି ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ତାଙ୍କ ସ୍ୱାମୀଙ୍କ ଅଭିଯୋଗ ମୁତାବକ, ଭୋର ପ୍ରାୟ ୪ଟାରେ ମହିଳାଙ୍କ ନିକଟକୁ ଫୋନ ଆସିଥିଲା। ମହିଳା ଜଣକ ଫୋନ ଉଠାଇବା ସହ ବାହାରକୁ ଆସିବା ସହ ଘର ଆଗରେ ଛିଡା ହୋଇଥିବା ଏକ କାର୍‌ରେ ବସି କେଉଁଆଡେ ଫେରାର ହୋଇଯାଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ଚିକିତ୍ସାଳୟରେ ଝଡ଼ାଫୁଙ୍କା ଉଦ୍ୟମ

**ଢେଙ୍କାନାଳ ଅଫିସ,୨୦।୯:** ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ରାତିରେ ଜଣେ ରୋଗୀଙ୍କୁ ତାଙ୍କ ସମ୍ପର୍କୀୟ ଝଡ଼ାଫୁଙ୍କା ପାଇଁ ଉଦ୍ୟମ କରିଥିବା ଜଣାପଡିଛି। ଡାକ୍ତରଖାନାରେ ସୁରକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ ଜଣେ ଗୁରୁତର ରୋଗୀଙ୍କୁ କିପରି ଝଡାଫୁଙ୍କା କରିବାକୁ ବାହାରକୁ ନେଇଥିଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାରୁ ଜଣାପଡିଛି, ନିହଲପ୍ରସାଦ ଥାନା ଅଞ୍ଚଳରୁ ଜଣେ ୪୫ ବର୍ଷୀୟା ମହିଳା ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ । ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର ପାଇଁ ରେଫର କରିଥିଲେ । କିନ୍ତୁ ସମ୍ପର୍କୀୟମାନେ ତାଙ୍କୁ ଝଡାଫୁଙ୍କା କରିବା ପାଇଁ ଚିକିତ୍ସାଳୟରୁ ଏକ ଷ୍ଟ୍ରେଚରରେ ଟାଣି ଟାଣି ବାହାରକୁ ନେଇଯାଇଥିଲେ। ଘଟଣା ଜଣାପଡିବା ପରେ ସୁରକ୍ଷା କର୍ମଚାରୀମାନେ ତାଙ୍କୁ ଚିକିତ୍ସାଳୟ ଭିତରକୁ ଆଣିଥିଲେ। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର କହଛନ୍ତି, ଘଟଣା ସମ୍ପର୍କରେ ଶୁଣିବାକୁ ମିଳିଛି। କୌଣସି ପ୍ରକାର ଅଭିଯୋଗ ଆସିନାହିଁ । ସରକାରୀ ଭାବେ ତାଙ୍କୁ ଜଣାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି।

### ଘରପୋଡ଼ି ଅଭିଯୋଗ, ଜଣେ ଗିରଫ

**ବଇଣ୍ଡା, ୨୦।୯(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତ ବାଲିସାହି ଗ୍ରାମର ସଞ୍ଜୟ ବେହେରାଙ୍କ ଘରେ ନିଆଁ ଲଗାଇଦେବା ଅଭିଯୋଗରେ ପୋଲିସ ସେହି ଗ୍ରାମର ପ୍ରଶାନ୍ତ ବେହେରାଙ୍କୁ ରବିବାର ଗିରଫ କରିଛି। ପୋଲିସ କହିଛି, ସଞ୍ଜୟ ଓ ପ୍ରଶାନ୍ତଙ୍କ ମଧରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଏହାକୁ କେନ୍ଦ୍ର କରି ପ୍ରଶାନ୍ତ ଶନିବାର ସଞ୍ଜୟଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ସଞ୍ଜୟଙ୍କ ଘରର ୪୦ ପ୍ରତିଶତ ପୋଡିଯାଇଥିବା ଅଭିଯୋଗ ହୋଇଥିଲା। ନଂ. ୧୬୮/୨୦ରେ ମାମଲା ରୁଜୁ ହୋଇଛି।

### ୩ ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

**ଢେଙ୍କାନାଳ ଅଫିସ,୨୦।୯:** ଢେଙ୍କାନାଳ ଜିଲାରେ ରବିବାର ୬୭ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୦୫୦ରେ ପହଞ୍ଚିଛି । ସେହିପରି ଆଉ ୫୦ ଜଣ ସୁସ୍ଥ ହେବା ପରେ ମୋଟ ସୁସ୍ଥଙ୍କ ସଂଖ୍ୟା ୨୫ ଶହରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ନୂଆ ଚିହ୍ନଟଙ୍କ ମଧରେ କଟକ ଓ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ୫ଜଣ, ହିନ୍ଦୋଳ ବ୍ଲକରେ ୧୫, ଢେଙ୍କାନାଳ ପୌରାଞ୍ଚଳରେ ୧୩, କାମାକ୍ଷାନଗର ବ୍ଲକରେ ୧୩, ଗଁଦିଆ ବ୍ଲକରେ ୭, ସଦର ବ୍ଲକରେ ୪, ଭୁବନ ବ୍ଲକରେ ୨ ଓ ଏନ୍‌ଏସିରେ ୧, କାମାକ୍ଷାନଗର ଏନ୍‌ଏସିରେ ୩, ଓଡ଼ାପଡ଼ା ବ୍ଲକରେ ୨ ଓ କଙ୍କଡାହାଡ ବ୍ଲକରେ ୨ଜଣ ରହିଛନ୍ତି। ଆକ୍ରାନ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ଏବଂ ବିଭିନ୍ନ ବ୍ଲକରେ ଥିବା କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବାଳକ ଗୁରୁତର

**ଛେଣ୍ଡିପଦା,୨୦।୯(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କଙ୍କରାଇ ଗ୍ରାମରେ ରବିବାର ବିଦ୍ୟୁତ ତାର ସଂସ୍ପର୍ଶରେ ବଳରାମ ସାହୁଙ୍କ ପୁଅ ପ୍ରତ୍ୟୁଷ ଗୁରୁତର ହୋଇଛନ୍ତି। ପ୍ରତ୍ୟୁଷ ଘର ପାଖରେ ଖେଳୁଥିବାବେଳେ ବିପଦସଙ୍କୁଳ ଅବସ୍ଥାରେ ଓହଳି ଥିବା ୧୧କେଭି ଟ୍ରାନ୍ସଫର୍ମର୍‌ର ତାର ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିଭାଗୀୟ ଅବହେଳା ଯୋଗୁ ଏପରି ଘଟିଥିବା ଅଭିଯୋଗ ହୋଇଛି।

### ଅସଦାଚରଣ, ଯୁବକ ଗିରଫ

**ଛେଣ୍ଡିପଦା,୨୦।୯(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯାଗରେ ପୋଲିସ ରଙ୍ଗମାଟିଆର ସିପୁ ମାଝିଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ନଂ. ୩୫୦/୨୦ରେ ମାମଲା ରୁଜୁ ହୋଇଛି। ତାଳଚେର ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା ତଦନ୍ତ କରୁଛନ୍ତି।

# ବିନା ଆର୍‌ଆଇରେ ୧୦ କାର୍ଯ୍ୟାଳୟ

**ପରିକ୍ଷିତ ସାହୁ**
**ବଇଣ୍ଡା, ୨୦।୯**



- ହଇରାଣ ଗରିବ ହିତାଧିକାରୀ
- ଆବେଦନ କରିପାରୁନାହାନ୍ତି ଭୂମିହୀନ
- ବଢୁଛି ଜବରଦଖଲ, ଚୋରା ଚାଲାଣ

ଲୋକଙ୍କୁ ସେବା ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ରାଜସ୍ୱ ବିଭାଗର। ହେଲେ ଅନୁଗୋଳ ଜିଲା ଆଠମଲ୍ଲିକ ଓ କିଶୋରନଗରରେ ଏହି ବିଭାଗକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଉକ୍ତ ଦୁଇ ତହସିଲ ଅଧୀନରେ ଥିବା ୧୮ ରାଜସ୍ୱ କାର୍ଯ୍ୟାଳୟ ମଧ୍ୟରୁ ୧୦ଟିରେ ଖାଲି ପଡିଛି ଆର୍‌ଆଇ ପଦବୀ। ଫଳରେ ଜନସାଧାରଣ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଅନେକ ଅତ୍ୟାବଶ୍ୟକ କାମ ଅଟକି ଯାଉଥିଲେ ହେଁ ସରକାର ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

କେବଳ ଆଠମଲ୍ଲିକ ବ୍ଲକରେ ରହିଛି ୧୦ଟି ରାଜସ୍ୱ କାର୍ଯ୍ୟାଳୟ। ସେଥିମଧ୍ୟରେ ଟୁସର, ପାଇକସାହି, କନ୍ତପଡା, ସାନହୁଲା, ଠାକୁରଗଡ କାର୍ଯ୍ୟାଳୟରେ ଆର୍‌ଆଇ ନାହାନ୍ତି। ଏଥିସହ ଅଏଡା, କଇତ୍ରାଗଡ, କିଆକଟା, ମାଧପୁର, କନ୍ତପଡା, ପାଇକସାହି ରାଜସ୍ୱ କାର୍ଯ୍ୟାଳୟରେ ସହକାରୀ ଆର୍‌ଆଇ ପଦବୀ ବି ଖାଲିପଡିଛି। ଅଏଡାରେ ଅମିନ, ସାନହୁଲାରେ ଅମିନ ଓ ପିଅନ, ମାଧପୁର ଓ କିଆକଟାରେ ଅମିନ, ଟୁସର ଓ ପୁରୁଣାମାଣତ୍ରୀରେ ଅମିନ ସହ ପିଅନ ଏବଂ ପାଇକସାହିରେ ମଧ୍ୟ ପିଅନ ପଦବୀରେ ନିଯୁକ୍ତି ହେଉନାହିଁ। ଅନେକ କାର୍ଯ୍ୟାଳୟ ଜଣେ ଜଣେ କର୍ମଚାରୀଙ୍କୁ ନେଇ ଚାଲୁଛି। ସେହିପରି କିଶୋରନଗର ବ୍ଲକରେ ୮ଟି ରାଜସ୍ୱ କାର୍ଯ୍ୟାଳୟ ରହିଛି। ରଣିଆକଟା, କିଶୋରନଗର ସଦର, ଅଙ୍ଗପଡା, ବାମୁର, ହଣ୍ଡପା କାର୍ଯ୍ୟାଳୟରେ ଦୀର୍ଘ ଦିନ ହେବ ରାଜସ୍ୱ ନିରୀକ୍ଷକ ନାହାନ୍ତି। ରଣିଆକଟାରେ ସହକାରୀ ଆର୍‌ଆଇ, ହିମିତିରାରେ ସହକାରୀ ଆର୍‌ଆଇ ଓ ଅମିନ, ଅଙ୍ଗପଡାରେ ସହକାରୀ ରାଜସ୍ୱ ନିରୀକ୍ଷକ, ନାକିଚିରେ ଅମିନ ଓ ସହକାରୀ ରାଜସ୍ୱ ନିରୀକ୍ଷକ, କିଶୋରନଗର, ବାମୁର, ହଣ୍ଡପା, ବଇଣ୍ଡାରେ ଅମିନ ପଦବୀ ଖାଲି ପଡିଛି। ଏଥିସହ ୮ଟି କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ହେବ ପିଅନ ପଦବୀ ପୂରଣ ହେଉନି। ଆର୍‌ଆଇ ନ ଥିବା କାର୍ଯ୍ୟାଳୟରେ ଅନେକ ସମୟରେ ତାଲା ଝୁଲୁଛି। ଏହାର ସୁଯୋଗ ନେଇ ଚୋରା ବ୍ୟବସାୟୀମାନେ ବାଲି, ପଥର, ମେଣ୍ଟାଲ, ମୋରମ ଆଦି ଚାଲାଣ କରୁଛନ୍ତି। ଜମିମାଫିଆମାନେ ସରକାରୀ ଜମିଗୁଡିକୁ ଶାଗମାଛ ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଅନେକ ସରକାରୀ ଜମିରେ କୋଠା ନିର୍ମାଣ କରାଯାଉଛି। ସାଧାରଣ ଲୋକେ ରାଜସ୍ୱ କାର୍ଯ୍ୟାଳୟକୁ ବିବିଧ ପ୍ରମାଣପତ୍ର, ଭୂମିହୀନଙ୍କ ଜମି ପାଇଁ ଘର ଡିହ ଆବେଦନ, ଦାଖଲ, ଖାରଜ ମାମଲା, ପ୍ରାକୃତିକ ବିପର୍ଯ୍ୟୟର ତଦାରଖ, ଚାଷ ଜମିକୁ ଘରବାରି ପରିବର୍ତ୍ତନର ତଦାରଖ, ସରକାରୀ ଜମି ଜବର ଦଖଲ ନିରୂପଣ, ଜମି ଭାଗବଣ୍ଟାର ତଦାରଖ, ବେସରକାରୀ ଜମି ଚିହ୍ନଟ, ଲଘୁ ଖଣିଜ ଦ୍ରବ୍ୟର ତଦାରଖ ସମ୍ପର୍କରେ ଆବେଦନ, ପରାମର୍ଶ ଦେବା ପାଇଁ ରାଜସ୍ୱ କାର୍ଯ୍ୟାଳୟକୁ ଲୋକେ ଧାଉଁଥିଲେ ମଧ୍ୟ ସେମାନଙ୍କୁ କୌଣସି ସୂଚନା ମିଳୁ ନାହିଁ। ରାଜସ୍ୱ ଆଦାୟ କରିବାରେ ମଧ୍ୟ ବିଭ୍ରାଟ ଦେଖାଦେଉଛି। ଛାତ୍ରୀଛାତ୍ରମାନେ ଜରୁରୀ ସେବାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଖାଲି ପଡିଥିବା ପଦବୀ ପୂରଣ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଆଠମଲ୍ଲିକ ତହସିଲଦାର ଡ. ସ୍ୱରୂପାନନ୍ଦ ସାହୁ କୁହନ୍ତି, ଆର୍‌ଆଇ ସହ ଅନ୍ୟ ପଦବୀ ଖାଲି ପଡିଥିବା ସମ୍ପର୍କରେ ଉପଜିଲାପାଳଙ୍କୁ ଜଣାଇଛୁ। କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ କୁହନ୍ତି, ରାଜସ୍ୱ କାର୍ଯ୍ୟାଳୟଗୁଡିକରେ କର୍ମଚାରୀ ଅଭାବ ଯୋଗୁ ସେବା ଯୋଗାଇବାରେ ବିଳମ୍ବ ହେଉଛି। ନିଯୁକ୍ତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି।

#### ସେବାରୁ ବଞ୍ଚିତ ଜନସାଧାରଣ



ଆର୍‌ଆଇ ପଦବୀ ଖାଲି ପଡିଥିବାରୁ ଲୋକେ ଆବଶ୍ୟକ ସେବା ପାଇପାରୁନାହାନ୍ତି। ପିଅନ ନ ଥିବାରୁ ସାଧାରଣ ଜମି ଚିହ୍ନଟ ପ୍ରକ୍ରିୟାରେ ବିଳମ୍ବ ହେଉଛି। ସରକାର ଦୃଷ୍ଟି ଦିଅନ୍ତୁ।

– ଶମ୍ଭୁନାଥ ସାହୁ, କୁରୁମଟାପ

#### ଚିହ୍ନଟ ହୋଇପାରୁନାହାନ୍ତି ଭୂମିହୀନ



ଅସହାୟ ଭୂମିହୀନ ଲୋକେ ଜମି ଖଣ୍ଡିଏ ପାଇଁ ଆବଦେନ ଫର୍ମ ପାଇଁ ବାରମ୍ବାର ଆବଦେନ କରୁଥିଲେ ମଧ୍ୟ କର୍ମଚାରୀ ଅଭାବରୁ ସେମାନଙ୍କୁ ଚିହ୍ନଟ କରାଯାଇପାରୁନି।

– ବିପିନ ସାହୁ, ତୁରୁଡା

#### ୪ ପଞ୍ଚାୟତବାସୀ ହଇରାଣ



ଠାକୁରଗଡ ରାଜସ୍ୱ କାର୍ଯ୍ୟାଳୟ ଉପରେ ୪ଟି ପଞ୍ଚାୟତବାସୀ ନିର୍ଭରଶୀଳ। କର୍ମଚାରୀ ଅଭାବ ଯୋଗୁ ଲୋକେ ହଇରାଣ ହେଉଛନ୍ତି। ସବୁ ଖାଲି ପଦବୀ ଶୀଘ୍ର ପୂରଣ କରାଯାଉ।

– ବସନ୍ତ କୁମାର ସାହୁ, ଠାକୁରଗଡ

#### ବିବାଦ ସମାଧାନ ହୋଇପାରୁନି



ଚାଷ ସମୟରେ ଜମିବାଡିକୁ ନେଇ ବିବାଦ ଦେଖାଗଲେ ଏହାର ସମାଧାନ କଷ୍ଟକର ହୋଇପଡୁଛି। ହଣ୍ଡପା କାର୍ଯ୍ୟାଳୟରେ ଆର୍‌ଆଇ ପଦବୀ ଖାଲି ପଡୁଥିବାରୁ ଏହି ସମସ୍ୟା ଉପୁଜୁଛି। ଜମି ଚିହ୍ନଟ ପାଇଁ ଲୋକେ ହଇରାଣ ହେଉଛନ୍ତି।

– ବିଶ୍ୱରଞ୍ଜନ ପ୍ରଧାନ, ପାପସରା

#### କାର୍ଯ୍ୟାଳୟରେ ତାଲା ଝୁଲୁଛି



ପାଇକସାହି ଆର୍‌ଆଇ କାର୍ଯ୍ୟାଳୟରେ ସବୁବେଳ ପାଇଁ ତାଲା ଝୁଲୁଛି। କୌଣସି ଅଧିକାରୀ ଏଠାରେ ରହୁ ନ ଥିବାରୁ ଲୋକଙ୍କ କାମ ହୋଇପାରୁନାହିଁ। ଘରଡିହ, ଜମି ଚିହ୍ନଟ ସହ ବିଭିନ୍ନ ସମସ୍ୟା ସମାଧାନ ହୋଇପାରୁ ନ ଥିବାରୁ ସେମାନେ ହଇରାଣ ହେଉଛନ୍ତି।

– ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପାଇକସାହି

#### ବଢୁଛି ଜବରଦଖଲ



ବଇଣ୍ଡା ଏକ ପ୍ରମୁଖ ସ୍ଥାନ ହୋଇଥିଲେ ହେଁ ଅମିନ ପଦବୀ ଖାଲି ପଡିଥିବା ଯୋଗୁ ବହୁ ଜମି ଚିହ୍ନଟ ହୋଇପାରୁନି। ଏଥିସହ ଅନେକ ସରକାରୀ ଜମିକୁ ଜବରଦଖଲ କରାଯାଉଥିବାବେଳେ ରାଜସ୍ୱ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ।

– ଭଗବାନ ଘିଓ୍ୱାଲା, ବଇଣ୍ଡା

# ୪୧ ହଜାର ଜରିମାନା ଆଦାୟ

**ଅନୁଗୋଳ ଅଫିସ, ୨୦।୯**

ଅନୁଗୋଳ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରବିବାର ଜିଲାର ଗ୍ରାମାଞ୍ଚଳରୁ ସହରାଞ୍ଚଳରେ କୋଭିଡ୍ ନିୟମ ପାଳନ ହେଉଛି କି ନା ତାହାର ଯାଞ୍ଚ କରାଯାଇଥିଲା। ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତା ନ ରଖିବା ଆଦି କଟକଣା ପାଳନ କରି ନ ଥିବା ଅମାନିଆଙ୍କଠାରୁ ପ୍ରଥମ ଦିନରେ ୪୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏ ନେଇ ଜିଲା ପ୍ରଶାସନର ଟୁଇଟର୍ ପେଜ୍‌ରେ ସୂଚନା ଦିଆଯାଇଛି। ଅନୁଗୋଳ ପୌରପାଳିକା ପକ୍ଷରୁ ସହରରେ ଯାଞ୍ଚ କରାଯାଇଥିଲା। ସକାଳେ ମାଛ ମାର୍କେଟରେ ଯାଞ୍ଚ ବେଳେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୬ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଏଥିସହ ଲକ୍ଷ୍ମୀ ବଜାର ଓ ସଞ୍ଜିବନୀ ମାର୍କେଟରେ ମଧ୍ୟ ଯାଞ୍ଚ ହୋଇଥିଲା। ଅନୁଗୋଳ ପୋଲିସ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲା।



ପୌର ନିର୍ବାହୀ ଅଧିକାରୀଙ୍କ ସହ କର୍ମଚାରୀମାନେ ମାଛ ମାର୍କେଟରେ ବୁଲୁଛନ୍ତି।

# ୨୩ରୁ ବାୟୁସେନାର ନିଯୁକ୍ତି ମେଳା

**ଅନୁଗୋଳ ଅଫିସ, ୨୦।୯**

୩୦ଟି ଜିଲାର ପିଲାମାନଙ୍କୁ ନେଇ ଆସନ୍ତା ୨୩ ତାରିଖରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ପିଟିସି ପଡ଼ିଆରେ ଭାରତୀୟ ବାୟୁସେନାର ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ପାଇଁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ପ୍ରତ୍ୟେକ ଦିନ ଶହେରୁ ୧୨୫ ପିଲାଙ୍କ ମଧ୍ୟରେ ଚୟନ ପ୍ରକ୍ରିୟା କରାଯିବ। ୩ଟି ପର୍ଯ୍ୟାୟରେ କାର୍ଯ୍ୟକ୍ରମ ଚାଲିବ। ଆଡମିଟ୍ କାର୍ଡ ଦେଖାଇଲେ ପିଲାଙ୍କୁ ପିଟିସି ମୁଖ୍ୟ ଫାଟକଠାରେ ଥର୍ମାଲ ସ୍କ୍ରିନିଂ କରାଯାଇ ଭିତରକୁ ଛଡାଯିବ। ଚୂଡ଼ାନ୍ତ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ପିଲାଙ୍କୁ ପିଟିସି ଉଚ୍ଚ ବିଦ୍ୟାଳୟଠାରେ ରହିବା ବ୍ୟବସ୍ଥା ସହ ପରୀକ୍ଷା ପାଇଁ ପିଟିସି ପଡ଼ିଆ ଓ ହଲ୍‌କୁ ସ୍ଥିର କରାଯାଇଛି। ରାଲିର ସୁପରିଚାଳନା ପାଇଁ ଭୁବନେଶ୍ୱର ୯ ଏୟାର ସିଲେକ୍ସସନ୍ ସେଣ୍ଟରର ୱିଙ୍ଗ କମାଣ୍ଡର ଆର.ଏସ୍.ରାୱତଙ୍କ ବିଭାଗର ୪୫ କର୍ମଚାରୀ ସହଯୋଗ କରିବେ ବୋଲି ସୂଚନା ମିଳିଛି। ବୈଠକରେ ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଉପଜିଲାପାଳ ବାସୁଦେବ ଶତପଥୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ନିୟୋଜନ ଅଧିକାରୀ ମାନସ ରଞ୍ଜନ ମହାନ୍ତି ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ।

# ଭ୍ୟାନ୍ ଧକ୍କାରେ ଗୃହରକ୍ଷୀ ଗୁରୁତର

**ଅନୁଗୋଳ ଅଫିସ, ୨୦।୯**

ଅନୁଗୋଳ ସହରରେ ରବିବାର ଅପରାହ୍ନରେ ଟ୍ରାଫିକ ନିୟନ୍ତ୍ରଣ କରୁଥିବା ଜଣେ ଗୃହରକ୍ଷୀଙ୍କୁ ଏକ ପିକ୍‌ଅପ ଭ୍ୟାନ ଧକ୍କା ଦେଇଛି। ଦୁର୍ଘଟଣାରେ ଗୃହରକ୍ଷୀ ମାନସ କୁମାର ସେଠ(୩୨) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଭ୍ୟାନ ଚାଳକ ଗାଡ଼ି ସହ ଫେରାର ହୋଇଯାଇଛନ୍ତି। ଘଟଣାରୁ ପ୍ରକାଶ, ଅନୁଗୋଳ ଅଗ୍ନିଶମ ବିଭାଗ ଛକ ନିକଟରେ ମାନସ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱରେ ଥିବାବେଳେ ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ କାଲଟ୍ୟାକ୍ସ ଛକ ଆଡୁ ଭ୍ୟାନ୍ (ଓଡି-୧୯-ଜେ-୯୨୩୪)ଟି ଦ୍ରୁତ ଗତିରେ ଆସି ତାଙ୍କ ଉପରେ ମାଡ଼ି ଯାଇଥିଲା। ପରେ ଭ୍ୟାନ ଚାଳକ ନିଶା ଥାନା ଆଡକୁ ପଳାଇଯାଇଥିଲେ। ପୋଲିସ ପିକ୍‌ଅପ୍‌ର ପିଛା କରିଥିଲେ ମଧ୍ୟ ଭ୍ୟାନ ଚାଳକକୁ ଧରି ପାରି ନ ଥିଲା। ଗାଡ଼ିର ସନ୍ଧାନ କରାଯାଉଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି।

# ମେଡିକାଲରୁ ଫେରାର ପରେ ମିଳିଲା ମୃତଦେହ

**ଅନୁଗୋଳ ଅଫିସ, ୨୦।୯**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣେ ରୋଗୀ ରବିବାର ସକାଳେ ଫେରାର ହୋଇଯାଇଥିବାବେଳେ ମଧ୍ୟାହ୍ନରେ ତାଙ୍କ ମୃତଦେହ ମିଳିଛି। ମୃତକ ଛେଣ୍ଡିପଦା ବ୍ଲକ କୋଶଳା ଅଞ୍ଚଳର ଦୁର୍ଯ୍ୟୋଧନ ବେହେରା(୬୫) ବୋଲି ଜଣାପଡିଛି।

ଜ୍ୱର, ଝାଡ଼ା ହେଉଥିବାରୁ ଦୁର୍ଯ୍ୟୋଧନ ଗତ ୧୬ ତାରିଖରୁ ମେଲ୍ ୱାର୍ଡରେ ଆଡମିଟ୍ ହୋଇଥିଲେ। ତାଙ୍କ ସ୍ତ୍ରୀ ଓ ଦୁଇ ଜ୍ୱାଇଁ ଆଟେଣ୍ଡାଣ୍ଟ ରହିଥିଲେ। ସକାଳ ୮ଟାରେ ଦୁର୍ଯ୍ୟୋଧନ କୌଶଳକ୍ରମେ ବାହାରକୁ ଚାଲିଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ହେଁ ପାଇ ନ ଥିଲେ। ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ହେମସୁରପଡ଼ା ଛକ ଆଗକୁ ଏକ ବନ୍ଦ ସଟର ନିକଟରେ ଜଣକ ମୃତଦେହ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ହାତରେ ସାଲାଇନ ଛୁଞ୍ଚି ଲାଗିଥିବା ଦେଖି ମେଡିକାଲର କୌଣସି ରୋଗୀ ହୋଇଥିବା ନେଇ ପୋଲିସ ତଦନ୍ତ କରିଥିଲା। ଖବରପାଇ ପରିବାର ଲୋକେ ଦୁର୍ଯ୍ୟୋଧନଙ୍କୁ ଚିହ୍ନଟ କରିବା ପରେ ଅପରାହ୍ନ ୩ଟାରେ ମେଡିକାଲ କର୍ମଚାରୀ ପିପିଇ କିଟ୍ ପିନ୍ଧି ମୃତଦେହ ନେଇଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ପରିବାରକୁ ମୃତଦେହ ହସ୍ତାନ୍ତର କରାଇଛି। ସିଡିଏମ୍‌ଓ ଡା. ଅଭୟ କୁମାର ଦାଶ କହିଛନ୍ତି, ଶୌଚ କରିବା ବାହାନାରେ ଦୁର୍ଯ୍ୟୋଧନ ବାହାରକୁ ପଳାଇଥିଲେ। ଖୋଜାଖୋଜି ପରେ ତାଙ୍କ ପତ୍ତା ନ ମିଳିବାରୁ ମେଡିକାଲ ମ୍ୟାନେଜର ଥାନାରେ ଏତଲା ଦେଇଥିଲେ। ଚିକିତ୍ସା ସମୟରେ ତାଙ୍କ କୋଭିଡ୍ ପରୀକ୍ଷା ପାଇଁ ସ୍ୱାବ ଯାଇଥିବାବେଳେ ରିପୋର୍ଟ ଆସିନାହିଁ। ପରିବାର ସହ ଝଗଡା କାରଣରୁ ସେ ୱାର୍ଡରୁ ପଳାଇଥିବା ଜଣାପଡିଛି। ଏଡିଏମ୍‌ଓ(ମେଡିକାଲ) ଡା. ବିଶ୍ୱ ବିହାରୀ ମହାନ୍ତି କହିଛନ୍ତି, ଘଟଣାର ଅନୁଧ୍ୟାନ କରାଯାଇଛି। ଚିକିତ୍ସାରେ କୌଣସି ଅବହେଳା କରାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି।


NATION TAX MARKET — GST

COMMISSIONERATE OF CT & GST
FINANCE DEPARTMENT,
GOVERNMENT OF ODISHA

**ଜିଏସ୍‌ଟି ଟିକସଦାତା ଦୟାକରି ଧ୍ୟାନ ଦିଅନ୍ତୁ**
**ବିଳମ୍ବ ଶୁଳ୍କ ଛାଡ଼ / ସୀମିତ ଛାଡ଼**

**No.S-13:-** ୫ କୋଟି ଟଙ୍କା ପର୍ଯ୍ୟନ୍ତ ହାରାହାରି ଟର୍ଣ୍ଣଓଭର ଥିବା ଯେଉଁ ଟିକସଦାତାମାନେ ସେମାନଙ୍କ ଜିଏସ୍‌ଟି ରିଟର୍ଣ୍ଣ (GSTR-3B) ମେ, ଜୁନ, ଜୁଲାଇ ଓ ଅଗଷ୍ଟ ମାସ ପାଇଁ ଦାଖଲ କରିନାହାନ୍ତି, ସେମାନେ ଏହି ମାସ ମାନଙ୍କ ପାଇଁ ନିମ୍ନ ନିର୍ଦ୍ଧାରିତ ତାରିଖ ମଧରେ ରିଟର୍ଣ୍ଣ ଦାଖଲ କରି ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କର ସୁବିଧା ପାଇପାରିବେ, ଯାହା ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ଦିଆଯିବ:

| କ୍ର.ସଂ. | ଟିକସ ଅବଧି | ନିର୍ଦ୍ଧାରିତ ତାରିଖ |
|---|---|---|
| ୧ | ମେ’ 2020 | ୧୫।୦୯।୨୦୨୦ |
| ୨ | ଜୁନ’ 2020 | ୨୫।୦୯।୨୦୨୦ |
| ୩ | ଜୁଲାଇ’ 2020 | ୨୯।୦୯।୨୦୨୦ |
| ୪ | ଅଗଷ୍ଟ’ 2020 | ୦୩।୧୦।୨୦୨୦ |

ସର୍ତ୍ତାବଳୀ:
(କ) ଟିକସ ଦେୟ ପରିମାଣ ‘ଶୂନ୍ୟ’ ଥିଲେ ବିଳମ୍ବ ଶୁଳ୍କ ସମ୍ପୂର୍ଣ୍ଣ ଛଡ଼ା ହେବ।
(ଖ) ଟିକସ ଦେବାକୁ ପଡୁଥିଲେ ବିଳମ୍ବ ଶୁଳ୍କ ରିଟର୍ଣ୍ଣ ପ୍ରତି ୫୦୦ ଟଙ୍କା ମଧରେ ସୀମିତ ରହିବ।
➢ ଉପରୋକ୍ତ ନିର୍ଦ୍ଧାରିତ ସମୟସୀମା ମଧରେ ଟିକସଦାତାମାନେ ଯଦି ସେମାନଙ୍କ ରିଟର୍ଣ୍ଣ ଦାଖଲ କରିବାରେ ବିଫଳ ହୁଅନ୍ତି, ତେବେ ସେମାନେ ବିଳମ୍ବ ଶୁଳ୍କ ଛାଡ଼ କିମ୍ବା ସୀମିତ ବିଳମ୍ବ ଶୁଳ୍କ ପଇଠରେ କୌଣସି ସୁବିଧା ପାଇବେ ନାହିଁ।
➢ ତେଣୁ ଶେଷ ତାରିଖର ଭିଡ଼ ପର୍ଯ୍ୟନ୍ତ ଅପେକ୍ଷା ନ କରି ନିଜ ନିଜର ବକେୟା ରିଟର୍ଣ୍ଣ ତୁରନ୍ତ ଦାଖଲ କରିବାକୁ ସମସ୍ତ ଟିକସଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ
ଓଡ଼ିଶା ସରକାର, କଟକ

Help Desk: 1800 345 6753 (Toll Free)
Email ID: ctdho@odishatax.gov.in
https://odishatax.gov.in
OIPR-05006/11/0004/2021



NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଓଡ଼ିଶା ସରକାର

**ଜାତୀୟ କୃମିନାଶକ ଔଷଧ ସେବନ ଅଭିଯାନ**
**୨୧ ରୁ ୨୬ ସେପ୍ଟେମ୍ବର, ୨୦୨୦**

DSPL-61



ଏହି ଅଭିଯାନରେ ୧-୧୯ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ଘରକୁ ଘର ଯାଇ ନିରାପଦ କୃମି ନାଶକ ଔଷଧ ବିନାମୂଲ୍ୟରେ ଖାଇବାକୁ ଦିଆଯିବ ।

ଏହା ସହିତ ନିମ୍ନ ପ୍ରଦତ୍ତ ଉପାୟ ଦ୍ୱାରା ନିଜକୁ କୃମି ସଂକ୍ରମଣରୁ ରକ୍ଷା କରନ୍ତୁ ।




OIPR-10003/13/0015/2021

ଏଣୁ, ଚଳିତ ମାସ (ସେପ୍ଟେମ୍ବର) ୨୧ ରୁ ୨୬ ତାରିଖ ମଧ୍ୟରେ ସମସ୍ତ ପିଲାଙ୍କୁ (୧-୧୯ ବର୍ଷ) କୃମିନାଶକ ଔଷଧ ନିଶ୍ଚୟ ଖୁଆଇ ସେମାନଙ୍କୁ ପୁଷ୍ଟିହୀନତା, ରକ୍ତହୀନତାରୁ ଦୂରେଇ ରଖିବା ସହିତ ସେମାନଙ୍କ ମାନସିକ ତଥା ଶାରୀରିକ ଅଭିବୃଦ୍ଧିରେ ସହାୟକ ହୁଅନ୍ତୁ ।

ଏହି ଅଭିଯାନ ସମୟରେ କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ନିଶ୍ଚୟ ପାଳନ କରନ୍ତୁ



ଅଧିକ ସୂଚନା ପାଇଁ ଆଶାଦିଦି /ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

facebook.com/HFWOdisha http:www.health.odisha.gov.in @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

